ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଅକ୍ଟୋବର ୨୦୨୦



### ଶିଶୁକନ୍ୟା ବଳାତ୍କାର ମାମଲା: ଧରାପଡ଼ିଲେ ନାବାଳକ

ଭୁବନେଶ୍ୱର,(ବ୍ୟୁରୋ): ଶହୀଦନଗର ଥାନାଞ୍ଚଳର ଏକ ବସ୍ତିରେ ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲାରେ ପୋଲିସ ସଂପୃକ୍ତ ନାବାଳକଙ୍କୁ ବୁଧବାର ଧରିଛି। ତାଙ୍କୁ ପଚରାଉଚରା ପରେ ସେ ଘଟଣା ନେଇ ସ୍ୱୀକାର କରିଛନ୍ତି। ପରେ ଉଭୟଙ୍କର ଡାକ୍ତରୀ ମାଇନା କରି ପୋଲିସ ଶିଶୁକନ୍ୟାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ ନାବାଳକଙ୍କୁ ବାଳ ସୁଧାରଗୃହକୁ ପଠାଇଦେଇଛି। ସୂଚନା ଅନୁଯାୟୀ, ଶିଶୁକନ୍ୟା ଜଣକ ସୋମବାର ସନ୍ଧ୍ୟାରେ ଘର ନିକଟରେ ଏକୁଟିଆ ଖେଳୁଥିବାବେଳେ ନାବାଳକ ଜଣକ ତାଙ୍କ ପାଟି ବନ୍ଦ କରି ଘର ପଛକୁ ଉଠାଇ ନେଇ ବଳାତ୍କାର କରିଥିଲେ।

## ସଂକ୍ଷେପରେ

### ନବୀନ ନିବାସ ଅଭିମୁଖେ ଭାଜପା ପ୍ରତିନିଧି
#### ବଗଲା ଜମି ପାଇଁ ପଦଯାତ୍ରା

ପୁରୀ ଅଫିସ,୧୪।୧୦: ବଗଲା ଧର୍ମଶାଳା ଜମି ବିକ୍ରି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେବ ଭାଜପା। ଏଥିପାଇଁ ଦଳ ପକ୍ଷରୁ ବୁଧବାର ସିଂହଦ୍ୱାରରୁ ନବୀନ ନିବାସ ଅଭିମୁଖେ ବାହାରିଛି ବଗଲା ବଞ୍ଚାଅ ପଦଯାତ୍ରା। ଏଥିରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍‌ପ୍ରକାଶ ମିଶ୍ର, କୃଷ୍ଣଚନ୍ଦ୍ର ଜଗଦେବ, ଜୟନ୍ତ ନାୟକ, ଉମାକାନ୍ତ ନାୟକ, ସୋମନାଥ ଦାସ ପ୍ରମୁଖ ଯାତ୍ରା କରିଛନ୍ତି। ଏହି ପଦଯାତ୍ରା ବାଟମଙ୍ଗଳା, ଚନ୍ଦନପୁର, ସତ୍ୟବାଦୀ, ସାତଶଙ୍ଖ, ପିପିଲି ଦେଇ ନବୀନ ନିବାସ ଯାଏ ଯିବ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ବଗଲା ଜମିର ସୁରକ୍ଷା ଏବଂ ପୁରୁଣା ଜେଲ୍ ଜମି ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ମିଶାଇବା ପାଇଁ ଦଳ ଦାବି ଜଣାଇବ। ଏଥିସହ ବଗଲା ଧର୍ମଶାଳାର ସୁରକ୍ଷା ନେଇ ଜନସାଧାରଣଙ୍କଠାରୁ ସଂଗୃହୀତ ଦସ୍ତଖତ ମଧ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ତେବେ ମଙ୍ଗଳପୁରରେ ପଦଯାତ୍ରୀ ଦଳ ରାତ୍ରିଯାପନ କରିବା ପରେ ଗୁରୁବାର ପୁଣି ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ଆରମ୍ଭ କରିବେ ବୋଲି ଜଣାପଡିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରଙ୍ଗ,୧୪।୧୦(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ଏକ ଆମ୍ବଗଛରୁ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ଉକ୍ତ ଗ୍ରାମର ଦିଗନ୍ତ ମହାନ୍ତି ଓରଫ ସିନୁ। ପୋଲିସ ନଂ.୮/୨୦ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମଙ୍ଗଳବାର ରାତିରେ ସିନୁ କୌଣସି କାମରେ ବାହାରୁ ଯାଇ ଫେରି ନ ଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ସକାଳୁ ସ୍ଥାନୀୟ ଧାନକ୍ଷେତରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଲୋକେ ଦେଖିଥିଲେ। ସିନୁଙ୍କ ପରିବାର ଲୋକେ ପହଞ୍ଚି ପୁଅର ମୃତଦେହ ଜାଣିବା ପରେ ପୋଲିସକୁ ଜଣାଇଥିଲେ।

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ କମୁଛି ଆକ୍ରାନ୍ତ ସଂଖ୍ୟା

ଖୋର୍ଦ୍ଧା ଅଫିସ,୧୪।୧୦: ଅଗଷ୍ଟ ଓ ସେପ୍ଟେମ୍ବରରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଉପରମୁହାଁ ଥିବାବେଳେ ଅକ୍ଟୋବର ପହିଲାରୁ କମିବାରେ ଲାଗିଛି। ଆକ୍ରାନ୍ତଙ୍କ ତୁଳନାରେ ସୁସ୍ଥହାର ବୃଦ୍ଧି ପାଇଛି। ବୁଧବାର ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୮୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୮୪ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ୧୧, ବାଲିପାଟଣା ୭, ଭୁବନେଶ୍ୱର ୧୦, ଜଟଣୀ ୩, ଖୋର୍ଦ୍ଧା ୧୭, ବେଗୁନିଆ ୧୧, ବୋଲଗଡ଼ ୭, ଟାଙ୍ଗୀ ୮, ଚିଲିକା ୭ ଓ ବାଣପୁରରୁ ୪ଜଣ ରହିଛନ୍ତି। ସେହିପରି ଗ୍ରାମାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୧୧,୬୪୪ ରହିଛି। ୧୦,୯୬୨ଜଣ ସୁସ୍ଥ ହୋଇଥିବା ବେଳେ ୬୨୭ଜଣ ସକ୍ରିୟ ରହିଛନ୍ତି। ୫୫ଜଣ କରୋନାରେ ମୃତ୍ୟୁ ଘଟିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ମହାସୁଆର ନିଯୋଗ ସଭାପତି ବୈଦ୍ୟନାଥ, ସମ୍ପାଦକ ଗଣେଶ୍ୱର

ପୁରୀ ଅଫିସ,୧୪।୧୦: ଶ୍ରୀମନ୍ଦିର ମହାସୁଆର ନିଯୋଗ ସାଧାରଣ ବୈଠକରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ବୈଦ୍ୟନାଥ ମହାସୁଆର, ଉପସଭାପତି ଲୋକନାଥ ମହାସୁଆର, ସମ୍ପାଦକ ଗଣେଶ ମହାସୁଆର, ସହସମ୍ପାଦକ ମହାବୀର ମହାସୁଆର, କାର୍ଯ୍ୟକାରୀ ସମ୍ପାଦକ ଗଣେଶ ମହାସୁଆର, କୋଷାଧ୍ୟକ୍ଷ ଗୋପାଳ ମହାସୁଆର ନିର୍ବାଚିତ ହୋଇଛନ୍ତି। ସେହିପରି ପଦ୍ମନାଭ ମହାସୁଆର, ବୈଦ୍ୟନାଥ ମହାସୁଆର, ଜଗବନ୍ଧୁ ମହାସୁଆର, ଗୋପୀନାଥ ମହାସୁଆର, ଉଦିତ୍ ମହାସୁଆର, ଶ୍ରୀଧର ମହାସୁଆର, ଶରତ ମହାସୁଆର, ଭଗବାନ ମହାସୁଆର ଓ କାଳିଆ ମହାସୁଆର ସଭ୍ୟ ରହିଥିବା ବେଳେ ଗୋପାଳ ଚନ୍ଦ୍ର ମହାସୁଆର, ନାରାୟଣ ମହାସୁଆର, ବାସୁଦେବ ମହାସୁଆର ଓ ଶ୍ୟାମସୁନ୍ଦର ମହାସୁଆର ଉପଦେଷ୍ଟା ରହିଛନ୍ତି।

# ଟ୍ରେଲର-ଟ୍ରକ୍ ଧକ୍କା, ୪ ଘଣ୍ଟା ପରେ ମୃତଦେହ ଉଦ୍ଧାର

## ଓଭରବ୍ରିଜରେ ମର୍ମନ୍ତୁଦ ଦୁର୍ଘଟଣା

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)



ଟ୍ରକ୍‌ରେ ଚାପି ହୋଇଥିବା ଡ୍ରାଇଭରଙ୍କୁ ଉଦ୍ଧାର କରାଯାଉଛି।



ଫାୟାର ଷ୍ଟେଶନ ଛକ ନିକଟ ୧୬ ନମ୍ବର ଜାତୀୟ ରାଜପଥ ଓଭରବ୍ରିଜ ଉପରେ ବୁଧବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରାସ୍ତାରେ ଅଟକି ରହିଥିବା ଏକ ଲୁହା ବୋଝେଇ ଟ୍ରେଲର ପଛରେ କୋଇଲା ବୋଝେଇ ଟ୍ରକ୍ ପିଟି ହୋଇଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଏତେ ଜୋର୍‌ରେ ଥିଲା ଯେ, ଟ୍ରକ୍‌ଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚାପି ହୋଇ ରହିଯାଇଥିବା ଡ୍ରାଇଭରଙ୍କୁ ୪ ଘଣ୍ଟା ପରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତେବେ ଦୁର୍ଘଟଣା ଓ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ଉକ୍ତ ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ମିଳିଥିବା ସୂଚନାନୁସାରେ, ଏକ ଲୁହା ବୋଝେଇ ଟ୍ରେଲରଟି ଖରାପ ହୋଇ ରାସ୍ତାର ଡାହାଣ ପାର୍ଶ୍ୱରେ ଠିଆ ହୋଇ ରହିଥିଲା। ଅପରାହ୍ନରେ ବରମୁଣ୍ଡାରୁ ବାଣୀବିହାର ଅଭିମୁଖେ ଦ୍ରୁତଗତିରେ ଯାଉଥିବା କୋଇଲା ବୋଝେଇ ଟ୍ରକ (ନଂ.ଏପି୩୯ଟିବି୬୧୪୮)ଟି ଉକ୍ତ ଟ୍ରେଲର ପଛରେ ଧକ୍କା ହୋଇଥିଲା। ଫଳରେ ଉକ୍ତ ଟ୍ରକ୍‌ର ଡ୍ରାଇଭର ସିଟ୍ ସହ ଷ୍ଟିୟରିଂରେ ଚାପି ହୋଇଯାଇଥିଲେ। ଦୁର୍ଘଟଣାର ଶବ୍ଦ ଓ ଚାପି ହୋଇ ରହିଥିବା ଡ୍ରାଇଭରଙ୍କ କରୁଣ ଚିତ୍କାର ଶୁଣି ଲୋକେ ଛାନିଆ ହୋଇ ଘଟଣାସ୍ଥଳକୁ ଦୌଡ଼ିଥିଲେ। ଖବରପାଇ କମିଶନରେଟ ପୋଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ସେଠାରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅପରାହ୍ନ ସାଢ଼େ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା ଉଦ୍ଧାର କାର୍ଯ୍ୟ। ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀମାନେ ଗ୍ୟାସ କଟରରେ କୋଇଲା ବୋଝେଇ ଟ୍ରକ୍‌ର କିଛି ଅଂଶକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ନାମ ଫାରୁକ୍ ହୋଇଥିବାବେଳେ ଘର ଆନ୍ଧ୍ରପ୍ରଦେଶରେ ବୋଲି ତଦନ୍ତକାରୀ ଅଫିସର ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ ପୋଲିସ ଅନ୍ୟଗାଡ଼ିଗୁଡ଼ିକୁ ଓଭରବ୍ରିଜ୍‌କୁ ନ ଛାଡ଼ିବାରୁ ତଳ ରାସ୍ତାରେ ମଧ ଟ୍ରାଫିକ ଜାମ ହୋଇଥିଲା। ତେବେ ଉକ୍ତ ଓଭରବ୍ରିଜ୍ ଉପରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଲୁହା ବୋଝେଇ ଟ୍ରକ୍‌ଟି ଡାହାଣ ପାର୍ଶ୍ୱରେ ଖରାପ ହୋଇ ରହିଥିଲେ ମଧ କାହିଁକି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା ତାହାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି।

# ଜବତ ହାଡ଼, ମାଂସ ମଣିଷର

## ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣା

■ ଡିଏନ୍ଏ ପ୍ରୋଫାଇଲିଂ ପାଇଁ କୋର୍ଟରେ ଆବେଦନ

ଭୁବନେଶ୍ୱର,୧୪।୧୦ (ବ୍ୟୁରୋ)

ରାଜଭବନ ଛକ ନିକଟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାକୁ ୯ଦିନ ବିତିଯାଇଥିଲେ ମଧ ଘଟଣାସ୍ଥଳରୁ ନିଖୋଜ ସୀମାଞ୍ଚଳ ପରିଡ଼ାଙ୍କ ବିଷୟରେ କିଛି ବି ଖୋଜ ଖବର ମିଳିପାରିନି। ପରିବାର ଲୋକେ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରି ପୋଲିସ ସୂଚନାକୁ ଅପେକ୍ଷା କରିଛନ୍ତି। ଏ ପରିସ୍ଥିତିରେ ବିସ୍ଫୋରଣ ଦିନ ଘଟଣାସ୍ଥଳ ଏବଂ ଆଖପାଖରୁ ଜବତ ହାଡ଼ ଓ ମାଂସ ମଣିଷର ବୋଲି ଏଫ୍ଏମ୍‌ଟି (ଫୋରେନ୍‌ସିକ ମେଡିସିନ ଆଣ୍ଡ୍ ଟକ୍ସିଓଲୋଜି) ରିପୋର୍ଟରୁ ଜଣାପଡିଛି। ତେବେ ତାହା ସୀମାଞ୍ଚଳଙ୍କର ନା ଏକାଧିକ ବ୍ୟକ୍ତିଙ୍କର, ଡିଏନ୍ଏ ଟେଷ୍ଟ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ଏଫ୍ଏମ୍‌ଟି ରିପୋର୍ଟ ହସ୍ତଗତ ହୋଇ ନ ଥିବା କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି। ଏଥିସହ ଜବତ ହାଡ଼ ଓ ମାଂସ ସୀମାଞ୍ଚଳଙ୍କର କି ନୁହେଁ, ତାହା ଜାଣିବା ପାଇଁ ଡିଏନ୍ଏ ପ୍ରୋଫାଇଲିଂ ନିମନ୍ତେ କୋର୍ଟରେ ବୁଧବାର ବିଧିବଦ୍ଧ ଭାବେ ଆବେଦନ ହୋଇଛି। ଅନୁମତି ମିଳିବା ପରେ ସୀମାଞ୍ଚଳଙ୍କ ମା' କିମ୍ବା ବାପାଙ୍କର ସାମ୍ପୁଲ ନିଆଯାଇ ଡିଏନ୍ଏ ଟେଷ୍ଟ କରାଯିବ। ଏହାପରେ ନିଖୋଜ ସୀମାଞ୍ଚଳଙ୍କୁ ନେଇ ସନ୍ଦେହ ଦୂର ହେବ ଓ ଘଟଣାସ୍ଥଳରେ କେତେଜଣଙ୍କର ମୃତ୍ୟୁ ହୋଇଥିଲା ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ସେ ସୂଚନା ଦେଇଛନ୍ତି।

# ୫ ଆରପିଏଫ୍ ଅଧିକାରୀଙ୍କୁ ପ୍ରଶଂସା

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

କୋଭିଡ୍-୧୯ ଲକଡାଉନ୍ ବେଳେ ଉତ୍କର୍ଷ ପ୍ରଦର୍ଶନ ପାଇଁ ପୂର୍ବତଟ ରେଳପଥର ୫ ଆରପିଏଫ୍ ଅଧିକାରୀ ରେଳବାଇ ସୁରକ୍ଷାବଳ ମହାନିର୍ଦ୍ଦେଶକଙ୍କଠାରୁ ପ୍ରଶଂସା ପତ୍ର ଗ୍ରହଣ କରିଛନ୍ତି। ସେମାନେ ହେଲେ ପୁରୀ ଆରପିଏଫ୍ ପୋଷ୍ଟ ଇନ୍ସପେକ୍ଟର ଅନୀଲ କୁମାର ସିଂ, କଟକ ଆରପିଏଫ୍ ପୋଷ୍ଟ ଇନ୍ସପେକ୍ଟର ପ୍ରବୀଣ କୁମାର, ଜଗଦଲପୁର ଆରପିଏଫ୍ ପୋଷ୍ଟ ଇନ୍ସପେକ୍ଟର ଏଚ୍‌ଡି ଶର୍ମା, କଟକ ଆରପିଏଫ୍ ପୋଷ୍ଟ ସବ୍-ଇନ୍ସପେକ୍ଟର ସବିତା ରଥ ଏବଂ ନୌପଡା ଆରପିଏଫ୍ ପୋଷ୍ଟ କନଷ୍ଟେବଲ ଏ.କେ ସାହୁଙ୍କୁ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଲକଡାଉନ୍‌ରେ ପୂର୍ବତଟ ରେଳପଥର ବିଭିନ୍ନ ସ୍ଥାନରେ ରଖାଯାଉଥିବା ରୋଲିଙ୍ଗଷ୍ଟକ୍ ଯଥା ଟ୍ରେନ ରେକ୍‌ଗୁଡିକର ସୁରକ୍ଷା, ଗରିବ ଏବଂ ଅସହାୟଙ୍କୁ ମାଗଣା ଖାଦ୍ୟ ଯୋଗାଇବା, ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକରେ ଖାଦ୍ୟ ପରିବେଷଣ ଓ ତଦାରଖ କରିବା, ଯାତ୍ରୀ ଭିଡ଼ ପରିଚାଳନା କାର୍ଯ୍ୟ ସମେତ ଏହି ଅଧିକାରୀମାନେ ଅନେକ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

# ଶ୍ମଶାନ କର୍ମଚାରୀଙ୍କୁ 'କରୋନା ଯୋଦ୍ଧା' ସମ୍ମାନ



କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ କରୋନା ଯୋଦ୍ଧାଭାବେ ସମ୍ବର୍ଦ୍ଧିତ ସତ୍ୟନଗର ଶ୍ମଶାନର କର୍ମଚାରୀମାନେ।

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

କରୋନା ମୃତକଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟରେ ନିୟୋଜିତ ଥିବା ୨୦ଜଣ ଶ୍ମଶାନ କର୍ମଚାରୀଙ୍କୁ ବୁଧବାର ଜୟ ଓଡ଼ିଶା ପକ୍ଷରୁ 'କରୋନା ଯୋଦ୍ଧା' ଭାବେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ଏମାନେ ୬ମାସ ଧରି କରୋନା ସଂକ୍ରମିତ ମୃତକଙ୍କ ସମେତ ଅନ୍ୟ ମୃତଦେହଗୁଡ଼ିକୁ ଅହୋରାତ୍ର ଅନ୍ତିମ ସତ୍କାର କରି ଆସୁଛନ୍ତି। ନିଜ ସ୍ୱାସ୍ଥ୍ୟାବସ୍ଥାକୁ ପଛରେ ପକାଇ ସେମାନେ ମୃତକଙ୍କ ପାଇଁ ନିରନ୍ତର ସେବା ଯୋଗାଇ ଆସୁଥିବାରୁ ଜୟ ଓଡ଼ିଶା ତରଫରୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯିବା ସହ ସମସ୍ତଙ୍କୁ ଟି ଶାର୍ଟ, ସାନିଟାଇଜର, ମାସ୍କ ଓ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ୬ଟି ବଡ଼ ଛତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜୟ ଓଡ଼ିଶାର ସଭାପତି ରୁଦ୍ର ସାମନ୍ତରାୟ ଓ କେତେଜଣ ସାମାଜିକ କର୍ମୀଙ୍କ ସମେତ ବିଏମ୍‌ସିର ଡେପୁଟି କମିଶନର ପୁରନ୍ଦର ନନ୍ଦ, ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ, ଡେପୁଟି କମଶନର (ଜିଏସ୍‌ଟି) ଦେବାଶିଷ ସାହୁ ଓ ଏକ୍‌ଜିକ୍ୟୁଟିଭ୍ ଅଫିସର କଟକ ଚଣ୍ଡୀ ମନ୍ଦିରର ସ୍ୱରୂପ ନନ୍ଦନ ବେହେରା ଉପସ୍ଥିତ ରହି ସମସ୍ତ ଶ୍ମଶାନ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ।

## କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟା ନେଇ ହାଇକୋର୍ଟଙ୍କ ଅସନ୍ତୋଷ

### ଭୁବନେଶ୍ୱର ଗଣବଳାତ୍କାର ମାମଲା

କଟକ ଅଫିସ,୧୪।୧୦

ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ମାମଲାରେ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲାରେ ତ୍ୱରିତ ତଥା ଉଲ୍ଲେଖନୀୟ ପଦକ୍ଷେପ ନେବା ପାଇଁ କ୍ରାଇମବ୍ରାଞ୍ଚକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନ କରାଯାଇଛି। ତଦନ୍ତରେ ସଫଳତା ନ ମିଳିଲେ ହାଇକୋର୍ଟ ତାଙ୍କ ରାୟ ଶୁଣାଇବେ ବୋଲି ମୁଖ୍ୟ ବିଚାରପତି ମହମ୍ମଦ ରଫିକ ଏବଂ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ତୁରନ୍ତ ସମସ୍ତ କାଗଜପତ୍ର ଓ କେସ୍ ଡାଏରୀ ଦାଖଲ କରିବା ସହ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ପାଇଁ କ୍ରାଇମବ୍ରାଞ୍ଚକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୯ ତାରିଖକୁ ଧାର୍ଯ୍ୟ କରାଯାଇଛି।

# ନାବାଳିକାଙ୍କୁ ଗଣବଳାତ୍କାର ଘଟଣା: ଜଣେ ଅଟକ

■ ମୁଖ୍ୟ ଅଭିଯୁକ୍ତ ଫେରାର

■ କାର୍ଯ୍ୟାନୁଷ୍ଠାନ ଦାବି କଲେ ଭାଜପା, କଂଗ୍ରେସ

କଟକ ଅଫିସ/ତିର୍ତ୍ତୋଲ (ଡି.ଏନ.ଏ),୧୪।୧୦

ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ଚାଉଳିଆଗଞ୍ଜ ଥାନା ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଛି। ସେ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ତଥା ସମ୍ପୃକ୍ତ ଚିକେନ୍ ସେଣ୍ଟରର ମାଲିକ ବୋଲି ଜଣାପଡ଼ିଛି। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ ଡିସିପି ପ୍ରତୀକ ସିଂ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ଘଟଣାସ୍ଥଳ ତଥା ସମ୍ପୃକ୍ତ ଚିକେନ ସେଣ୍ଟରକୁ ଯାଇ ଛାନଭିନ୍ କରିଛି। ଏଥିସହ ସ୍ଥାନୀୟ ବାସିନ୍ଦାଙ୍କୁ ପଚରାଉଚରା କରାଯାଇଛି। ବୁଧବାର ନାବାଳିକାଙ୍କ ବୟାନ ରେକର୍ଡ ହୋଇଛି। ଖୁବଶୀଘ୍ର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ତାପସ ପ୍ରଧାନ କହିଛନ୍ତି।

ଏହି ସମ୍ବେଦନଶୀଳ ଘଟଣା ଏବେ ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଯାହାକୁ ନେଇ ରାଜ୍ୟ ରାଜନୀତି ମଧ ସରଗରମ ହେବାରେ ଲାଗିଲାଣି। ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ଏ ନେଇ ଡିସିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ବେଳେ ତିର୍ତ୍ତୋଲର କଂଗ୍ରେସ ନେତା ହିମାଂଶୁ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚାଇଲ୍ଡଲାଇନ କର୍ମକର୍ତ୍ତାଙ୍କୁ ବସୁନ୍ଧରା ଆଶ୍ରମରେ ଭେଟି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଏହି ଘଟଣାକୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ଦୃଢ଼ ନିନ୍ଦା କରିଛି। ଏହି କାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ କମିଟି ସଭାପତି ବେଦଦ୍ୟୁତି ପୃଷ୍ଟି ଦାବି କରିଛନ୍ତି। ସେ କହିଛନ୍ତି ଯେ, ଏପରି ଘଟଣା ଜାଣି ନ ପାରିବା କମିଶନରେଟ୍ ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଯୁବତୀଙ୍କୁ ନ୍ୟାୟ ପ୍ରଦାନ ସହ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ନଚେତ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ପୃଷ୍ଟି କହିଛନ୍ତି। ସୂଚନାଥାଉ କି, ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ନିଜ ଘରକୁ ଫେରିବା ପାଇଁ କଟକ ଓଏମ୍‌ପି ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ତାଙ୍କୁ ଘରେ ପହଞ୍ଚାଇ ଦେବାକୁ କହି ଜଣେ ଯୁବକ ସାଙ୍ଗରେ ନେଇଥିଲେ। ଗତିରାଉତପାଟଣା ପାଖରେ ଉକ୍ତ ଯୁବକ ଓ ତାଙ୍କ ସହଯୋଗୀ ତାଙ୍କୁ ବଳପୂର୍ବକ ଅପହରଣ କରିନେଇ ଏକ ଚିକେନ ଫାର୍ମରେ ୨୨ଦିନ ରଖି ବଳାତ୍କାର କରିଥିବା ଚାଇଲ୍ଡଲାଇନ ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହୋଇଛି।

# ପୂଜା ପାଇଁ ଚାନ୍ଦା ବନ୍ଦ, ବଣ୍ଟାଯିବ ମାସ୍କ

## ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ଦୁର୍ଗାପୂଜା

■ ଘର ଆଗରେ ପୂର୍ଣ୍ଣ କଳଶ ବସାଇବାକୁ ନିବେଦନ

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜଧାନୀର ବିଭିନ୍ନ ପୂଜାମଣ୍ଡପଗୁଡ଼ିକରେ ଭକ୍ତଶୂନ୍ୟ ନିରାଡ଼ମ୍ବର ପୂଜା ପାଇଁ ପ୍ରସ୍ତୁତି ଚାଲିଛି। ଏପରିସ୍ଥିତିରେ ଚଳିତବର୍ଷ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ କୋଭିଡ୍ କଟକଣା ଭିତରେ ନିଆରା ଢଙ୍ଗରେ ପୂଜା ସମ୍ପନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଇତିମଧ୍ୟରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏଥର କାହାଠାରୁ ଚାନ୍ଦା ଗ୍ରହଣ କରାଯିବନି। କରୋନା ଦାଉରୁ ଭକ୍ତଙ୍କୁ ରକ୍ଷା କରିବା ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରାଯିବା ସହ ସ୍ଥାନୀୟ କଲୋନୀରେ ଘରେ ଘରେ ମାସ୍କ ଓ ସାନିଟାଇଜର ବାଣ୍ଟିବାକୁ ନିଷ୍ପତ୍ତି ନିଆଯାଇଛି।

ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀର ଆସୋସିଏଶନ ପକ୍ଷରୁ କୁହାଯାଇଛି ଯେ, ୨୦୦୮ରୁ ସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜା ଓ ମଣ୍ଡପର ପୀଠ ଦେବୀ ପ୍ରତିଦିନ ପୂଜା ପାଆନ୍ତି। ହିନ୍ଦୁ, ମୁସ୍‌ଲିମ୍ ଓ ଖ୍ରୀଷ୍ଟିଆନ୍ ଆଦି ଧର୍ମର ଲୋକେ ମା'ଙ୍କୁ ପୂଜା କରନ୍ତି। ତିନି ଧର୍ମର ଧାର୍ମିକ ସଙ୍କେତରେ ତୋରଣ ନିର୍ମାଣ କରାଯାଏ। କିନ୍ତୁ ଚଳିତବର୍ଷ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ କେବଳ ବୈଦିକ ବିଧିବିଧାନ ପାଳନ ପୂର୍ବକ ମଣ୍ଡପରେ ପୂଜାକାର୍ଯ୍ୟ ହେବ। ଶେଷ ପର୍ଯ୍ୟନ୍ତ ସର୍ବସାଧାରଣ ବାରଣ ପାଇଁ ସାମ୍ନାରେ କପଡ଼ା ଟଙ୍ଗା ହୋଇ ପୂଜା କାର୍ଯ୍ୟ ସମାପନ କରାଯିବ ଓ ମଣ୍ଡପ ପାର୍ଶ୍ୱରେ ଅସ୍ଥାୟୀ ପୁଷ୍କରିଣୀ କରାଯାଇ ଭସାଣି କରାଯିବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ପୂଜାମଣ୍ଡପ ଓ ପୂଜାମଣ୍ଡପର ଚତୁଃପାର୍ଶ୍ୱକୁ ବିଶୋଧନ କରାଯିବ। ପୂଜାମଣ୍ଡପ ସମ୍ମୁଖରେ ମାସ୍କ ଓ ସାନିଟାଇଜର ମହଜୁଦ ରଖାଯିବ। ଷଷ୍ଠୀରୁ ଭସାଣି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳେ କଲୋନୀ ବିଶୋଧନସହ ସମସ୍ତ ରାସ୍ତାକୁ ସଫେଇ କରାଯିବ। କଲୋନୀରେ କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସହ ମାଗଣା ମାସ୍କ, ସାନିଟାଇଜର ଓ ଚାରା ବଣ୍ଟନ କରାଯିବ। ସମସ୍ତ ଭକ୍ତ ଘରେ ରହି ପ୍ରଚାର ପତ୍ରରେ ପୂଜା କାର୍ଯ୍ୟସୂଚୀ ଅନୁଯାୟୀ ପୂଜା ଓ ବ୍ରତ କରିବା ସହିତ ଘର ଆଗରେ ୬ଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଏକ ପୂର୍ଣ୍ଣ କଳଶ ବସାଇବା ପାଇଁ ଆସୋସିଏଶନ ପକ୍ଷରୁ କଲୋନୀବାସୀଙ୍କୁ ନିବେଦନ କରାଯାଇଛି। ଏହି ସମ୍ମିଳନୀରେ ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ସଭାପତି ପ୍ରକାଶଚନ୍ଦ୍ର ବିଜୁଳି, ଉପସଭାପତି ଖଗେଶ୍ୱର ଖଣ୍ଡାୟତରାୟ, ସହସମ୍ପାଦକ ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନର କର୍ମକର୍ତ୍ତା।

# ଟ୍ରେନ୍‌ରେ ପରିବା ପରିବହନ ପାଇଁ ୫୦% ସବ୍‌ସିଡି

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

କୃଷି ସାମଗ୍ରୀକୁ ସହଜରେ ଓ କମ୍ ସମୟରେ ପରିବହନ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର 'କିଷାନ୍ ରେଲ୍' ସେବା ଆରମ୍ଭ କରାଯାଇଛି। ଚାଷୀମାନେ ସେମାନଙ୍କ ଉତ୍ପାଦିତ ଫଳ, ପନିପରିବା ଆଦି ମାର୍କେଟକୁ ନେବାପାଇଁ ଏହି ଟ୍ରେନ୍‌ରେ ସ୍ୱତନ୍ତ୍ର ସବ୍‌ସିଡି ବ୍ୟବସ୍ଥା କରାଯାଇଛି। ନିର୍ଦ୍ଦିଷ୍ଟ ଫଳ ଓ ପନିପରିବାର ପରିବହନରେ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ ୫୦% ସବ୍‌ସିଡି ଦେବାକୁ ସହମତି ପ୍ରଦାନ କରିଛି। ପୂର୍ବରୁ ଥିବା ଅପରେଶନ୍ ଗ୍ରୀନ୍ ଯୋଜନାରେ ଆଳୁ, ପିଆଜ ଓ ଟମାଟୋ ସହ ଏବେ ସମସ୍ତ ସବୁଜ ପନିପରିବା ଓ ଫଳକୁ ଅନ୍ତର୍ଭୁକ୍ତ କରାଯାଇଛି। ଫଳ ମଧ୍ୟରେ ଆମ୍ବ, କଦଳୀ, ପିଜୁଳି, କିଉି, ଲିଚୁ, ଅମୃତଭଣ୍ଡା, ସପୁରି, ଡାଳିମ୍ବ ଓ ପଣସ ରହିଛି। ଆଗାମୀ ଦିନରେ କୃଷି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଅନ୍ୟ ପନିପରିବା ଓ ଫଳକୁ ଅନ୍ତର୍ଭୁକ୍ତ କରାଯିବ ବୋଲି କୁହାଯାଇଛି।

# ପ୍ରକଳ୍ପ ପ୍ରଭାବିତ ୪ ମୌଜାବାସୀ ରଖିଲେ ମତ

## ଶ୍ରୀସେତୁ ପାଇଁ ସରିଲା ଜନଶୁଣାଣି

■ ଜଗନ୍ନାଥ ବଲ୍ଲଭରେ ଥଇଥାନ ପାଇଁ କହିଲେ ୩୦ ପରିବାର

ପୁରୀ ଅଫିସ,୧୪।୧୦



ଶିବିରରେ ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ପୁରୀକୁ ବିଶ୍ୱ ଐତିହ୍ୟ ସହର ଭାବେ ଗଢ଼ିତୋଳିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏଥିଲାଗି ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ ହୋଇଛି। ଏଥିମଧ୍ୟରେ ଶ୍ରୀସେତୁ ଏକ ମେଗା ପ୍ରକଳ୍ପ। ରାଜ୍ୟର ଏହି ପ୍ରଥମ ଟ୍ରମ୍ପେଟ ସେତୁ ପୁରୀରେ ତିଆରି ହେବ। ଏହାର ଜମି ଅଧିଗ୍ରହଣ ଓ ପୁନଃ ଥଇଥାନ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନର ଜନଶୁଣାଣି ବୁଧବାର ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ମୌଜା (ସମଙ୍ଗ, ମାଟିତୋଟା, ଦାଣ୍ଡିମାଳସାହି ଓ ମାର୍କଣ୍ଡେଶ୍ୱର ସାହି)ର ଲୋକେ ଜନଶୁଣାଣିରେ ଯୋଗଦେଇ ସେମାନଙ୍କ ମତ ରଖିଛନ୍ତି। ପ୍ରକଳ୍ପ ଦ୍ୱାରା ସେମାନଙ୍କର ଯେଉଁ କ୍ଷତି ହେଉଛି ତାହାର ଭରଣା ପାଇଁ କ'ଣ ଚାହାନ୍ତି ସେ ସମ୍ପର୍କରେ ସରକାରୀ ଅଧିକାରୀଙ୍କୁ ଜଣାଇଛନ୍ତି। ଜଗନ୍ନାଥବଲ୍ଲଭ ପରିସରରେ ରହିଆସୁଥିବା ଦାଣ୍ଡିମାଳ ସାହିର ୩୦ ପରିବାର ଥଇଥାନ ଦାବି କରିଛନ୍ତି। ସେମାନେ ଥିବା ସ୍ଥାନରୁ ହଟିଯିବେ, କିନ୍ତୁ ସେମାନଙ୍କୁ ଜଗନ୍ନାଥବଲ୍ଲଭର ଅନ୍ୟ କୌଣସି ସ୍ଥାନରେ ଥଇଥାନ କରାଯାଉ ବୋଲି କହିଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ ପୁନଃ ଥଇଥାନ ନୀତି ପାଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

ପ୍ରଥମେ ସମଙ୍ଗ ମୌଜା ପାଇଁ ସମଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ହୋଇଥିଲା। ସେହିପରି ମାର୍କଣ୍ଡେଶ୍ୱର ମୌଜା ପାଇଁ ମା' ବିଶେଶ୍ୱରୀ ଠାକୁରାଣୀ ପୀଠ, ମାଟିତୋଟା ନିମନ୍ତେ ମାଟିତୋଟା କୋଠଘର ଏବଂ ଦାଣ୍ଡିମାଳ ସାହି ପାଇଁ ଜଗନ୍ନାଥ ବଲ୍ଲଭ ମଠ ପ୍ରାଙ୍ଗଣରେ ଶୁଣାଣି କରାଯାଇଥିଲା। ଏଥିରେ ଜମି ଅଧିଗ୍ରହଣର ଉଦ୍ଦେଶ୍ୟ ସାମାଜିକ, ଅର୍ଥନୈତିକ, ପରିବେଶ, ସାଂସ୍କୃତିକ ପ୍ରଭାବ ଓ ଲାଭ ସମ୍ପର୍କରେ ଅବଗତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ବ୍ୟକ୍ତିଗତ କାରଣରୁ ଯେଉଁମାନେ ଭାଗ ନେଇପାରି ନ ଥିଲେ ସେମାନଙ୍କ ଲାଗି ଅପରାହ୍ନ ୫ଟାରୁ ୬ଟା ମଧ୍ୟରେ ଗୁଗଲ ମିଟ୍ ମାଧ୍ୟମରେ ଜନଶୁଣାଣି ଆୟୋଜନ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ରାଜସ୍ୱ ଉପପ୍ରଶାସକ ସୁବ୍ରତ ବେହେରା, ଭୂ ଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ତହସିଲଦାର ରବୀନ୍ଦ୍ର ପ୍ରଧାନ, ଆଦ୍ରି କନ୍‌ସଲଟିଂ ପ୍ରାଇଭେଟ ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ରତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଏହି ସେତୁ ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥର ବାଇପାସ୍ ଠାରୁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ହେବାକୁ ଥିବା ପିଲିଗ୍ରୀମ ସେଣ୍ଟରକୁ ସଂଯୋଗ କରାଯିବ। ଏଥିପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ପୁରୀର ଉପରୋକ୍ତ ୪ଟି ମୌଜାର ବେସରକାରୀ ଓ ସରକାରୀ ଜମି ମିଶି ୩୭ ଏକର ୯୮୪ ଡେସିମିଲ ଅଧିଗ୍ରହଣ କରାଯିବ। ରାଜ୍ୟ ସରକାର କିଛି ସେରକାରୀ ଜମି କିଣିସାରିଥିବା ଜଣାପଡ଼ିଛି।

## ନିରାକାରପୁର କଲେଜ ଗୃହ ଭୁଶୁଡ଼ିଲା

ନିରାକାରପୁର,(ଡି.ଏନ୍.ଏ.)- ନିରାକାରପୁର ପଞ୍ଚାୟତରେ ଥିବା ପୁରାତନ କ୍ଷେତ୍ରବାସୀ ଡିଏଭି କଲେଜର ଏକ ଶ୍ରେଣୀଗୃହ ବୁଧବାର ଲଗାଣ ବର୍ଷା ଯୋଗୁ ଭୁଶୁଡ଼ି ପଡ଼ିଛି। ଫଳରେ କଲେଜ ମୁଖ୍ୟ ରାସ୍ତା ଅବରୋଧ ହୋଇଥିଲା। ପରେ ଏହି ରାସ୍ତା ଦେଇ କେତେଜଣ ଲୋକ ମର୍ନିଂ ୱାକରେ ଯାଇଥିବାବେଳେ ପାଚେରି ଭାଙ୍ଗି ପଡ଼ିଥିବା ଦେଖି କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବରପାଇ କଲେଜ ଅଧ୍ୟକ୍ଷ ଅଶୋକ କୁମାର ବଳବନ୍ତରାୟଙ୍କ ପହଞ୍ଚି କେତେଜଣ କର୍ମଚାରୀଙ୍କୁ କହି ଜେସିବି ଲଗାଇ ସେହି ସ୍ଥାନଟି ସଫା କରିଥିଲେ।

## ସଂକ୍ଷେପରେ

### ଏବେ ଶ୍ରୀମନ୍ଦିର ଖୋଲାଯିବା ଚାହୁଁନାହାନ୍ତି ସେବାୟତ

**ପୁରୀ ଅଫିସ,୧୪।୧୦:** ସର୍ବସାଧାରଣଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଖୋଲିବା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା ଜାରି ରଖିଛନ୍ତି। ବୁଧବାର ୪ର୍ଥ ଦିନରେ ମୁଖ୍ୟ ପ୍ରଶାସକ ୮ଟି ନିଯୋଗର ସଭାପତି, ସମ୍ପାଦକ, ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଏବଂ ବିଭିନ୍ନ ନିଯୋଗର ବରିଷ୍ଠ ସେବାୟତଙ୍କ ସହ ବିଚାରବିମର୍ଶ କରି ସେମାନଙ୍କ ମତ ନେଇଛନ୍ତି। ପ୍ରାୟ ସମସ୍ତ ନିଯୋଗ ସାମ୍ପ୍ରତିକ ସ୍ଥିତିରେ ମନ୍ଦିର ଖୋଲିବା ସପକ୍ଷରେ ନାହାନ୍ତି। ବୈଠକରେ ଦଇତାପତି ନିଯୋଗ, ଶୁଦ୍ଧସୁଆର, ମୁଦୁଲି, ଘଟୁଆରୀ, ମହାସୁଆର, ଚୁନରାଳ, ପାଣିଆପଟ, ଅଖଣ୍ଡ ମେକାପ ନିଯୋଗ ସମେତ ଶ୍ରୀମନ୍ଦିର ପରିଚାଳନା କମିଟିର ସେବକ ପ୍ରତିନିଧି ଭାଗ ନେଇଥିଲେ। ସେହିପରି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଉପସ୍ଥିତ ଥିଲେ।

### ପ୍ରେକ୍ଷାଳୟ ଖୋଲିବାକୁ ଓଡ଼ିଶା ନାଟ୍ୟସଂଘର ଦାବି

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ):** କୋଭିଡ୍ ପାଇଁ ମାର୍ଚ୍ଚଠାରୁ ଓଡ଼ିଶାରେ ପ୍ରେକ୍ଷାଳୟଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଫଳରେ ନାଟ୍ୟଦଳମାନଙ୍କ ଦ୍ୱାରା ହେଉଥିବା ନିୟମିତ ନାଟ୍ୟ ପ୍ରଦର୍ଶନ ସହ ଭୁବନେଶ୍ୱରରେ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନାଟ୍ୟଧାରା କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ଏଥିଯୋଗୁ ଏହାଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା କଳାକାର, ନିର୍ଦ୍ଦେଶକ, ନାଟ୍ୟକାର, ମଞ୍ଚଶିଳ୍ପୀ, ସଙ୍ଗୀତକାର, ନୃତ୍ୟଶିଳ୍ପୀ, ଆଲୋକ ସଂଯୋଜକ ଓ ପୋଷାକ ପରିପାଟି ଶିଳ୍ପୀ ସମସ୍ତେ ଆର୍ଥିକ ଓ ମାନସିକ ଦୁର୍ଦ୍ଦିନ ସ୍ଥିତିରେ କାଳାତିପାତ କରୁଛନ୍ତି। ଏହି କଳାକାରଙ୍କ ଦୁଃଖ ବୁଝିବା ପାଇଁ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଆସନ୍ତା ୧ରୁ ନାଟ୍ୟମଞ୍ଚଗୁଡ଼ିକ ଖୋଲିବା ସହ ସବୁ ନାଟ୍ୟଦଳଙ୍କୁ ଅକ୍ଟୋବର ୨୦ରୁ ନିଜ ଅଞ୍ଚଳରେ କୋଭିଡ୍ ନିୟମ ମାନି ନାଟ୍ୟ ଅଭ୍ୟାସ ଆରମ୍ଭ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏ ନେଇ ଏକ ଦାବିପତ୍ର ଓଡ଼ିଶା ନାଟ୍ୟସଂଘ ସଭାପତି ହରେନ୍ ସାହୁ ଓ ସମ୍ପାଦକ ଲାଲା ବିରେନ୍ ରାୟ ସରକାରଙ୍କୁ ଦେଇଛନ୍ତି।

### ମାଛ ମାର୍କେଟ ପାଇଁ କ୍ଷେତ୍ର ଦେଖିଲେ ଅଧିକାରୀ

**ବାଲିଅନ୍ତା,୧୪।୧୦(ଡି.ଏନ୍.ଏ.):** ବାଲିଅନ୍ତା ବଜାର ଓ ଆଖପାଖ ରାସ୍ତାକଡ଼ରେ ମାଛ ବିକ୍ରି କରୁଥିବା ବ୍ୟବସାୟୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସ୍ଥାୟୀ ମାର୍କେଟ ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବାଲିଅନ୍ତା ହାଟ ଭିତରେ ପିଣ୍ଡି ନିର୍ମାଣ କରାଯାଇ ମାଛ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ଏ ନେଇ ବୁଧବାର ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ବି.କେ.ପଣ୍ଡା, ଥାନାଧିକାରୀ ପ୍ରଦୀପ କୁମାର ସାହୁ ସ୍ଥାନଗୁଡ଼ିକ ବୁଲି ଦେଖିଛନ୍ତି। ରାସ୍ତାକଡ଼ରେ ମାଛ ବିକ୍ରି କରିବା ଦ୍ୱାରା ଟ୍ରାଫିକ ସମସ୍ୟା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାକୁ ଦୂର କରିବା ପାଇଁ ବାଲିଅନ୍ତା ବ୍ଲକ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ପଞ୍ଚାୟତ ପକ୍ଷରୁ ମାହାସୁଲ ଆଦାୟ କରାଯିବ।

### ଟ୍ରକ୍ ଚୋରି ଘଟଣାରେ ୩ ଗିରଫ

**କଟକ ଅଫିସ,୧୪।୧୦:** ଏକ ଟ୍ରକ ଚୋରି ଘଟଣାରେ ବୁଧବାର ବାଦାମବାଡ଼ି ଥାନା ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଶ୍ରୀକ୍ଷେତ୍ର ବିହାରର ଲକି ଓରଫ ସୁବ୍ରତ ବସ୍ତିଆ, ରାଉରକେଲାର ଗୋପାଳକୃଷ୍ଣ କୋଲେଟ ଏବଂ ସରୋଜ କୁମାର ମଣ୍ଡଳ। ଘଟଣାର ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଚୋରି ହୋଇଥିବା ଟ୍ରକ (ଓଆର୍-୧୬-ସି-୩୧୪୭)କୁ ପୋଲିସ ପଶ୍ଚିମବଙ୍ଗର ନଳହାଟିରୁ ଜବତ କରିଛି।ପୋଲିସ ସୂଚନା ମୁତାବକ, ବଡ଼ମ୍ବା ଥାନା ଅନ୍ତର୍ଗତ ମାଳତି ଗ୍ରାମର ବାପିକୃଷ୍ଣ ପ୍ରଧାନ ତାଙ୍କ ଟ୍ରକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଏକ କେସ୍ (ନଂ. ୧୩୮/୨୦) ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଏହି ଘଟଣାରେ ଫେରାର ମୁନା ଓ ପ୍ରମୋଦଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

# ଘାତକ ଅକ୍ଟୋବର, ଗଲାଣି ୩୦ ଜୀବନ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

## ଭୁବନେଶ୍ୱରରୁ ପୁଣି ୨୬୭ ଚିହ୍ନଟ, ଆଉ ଜଣେ ମୃତ

- ମାସଶେଷ ସୁଦ୍ଧା ୨ଶହ ତଳକୁ ଖସିବ ସଂକ୍ରମଣ : ବିଏମ୍‌ସି
- ସୁସ୍ଥ ହାରରେ ଭୁବନେଶ୍ୱର ପଛୁଆ, ଆଉ ୩୪୨ ସୁସ୍ଥ

କରୋନା ମହାମାରୀ ପାଇଁ ରାଜଧାନୀ ଭୁବନେଶ୍ୱରରେ ଏବେ ବି ଜଟିଳ ପରିସ୍ଥିତି ଲାଗି ରହିଛି। ସଂକ୍ରମଣ କମିଥିଲେ ମଧ୍ୟ ଅଧିକରୁ ଅଧିକ ଜୀବନ ଯାଉଛି। ବିଶେଷକରି ଅକ୍ଟୋବର ମାସ ଘାତକ ସାଜିଛି। ବୁଧବାର ୧୪ ତାରିଖ ସୁଦ୍ଧା କରୋନାରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଧାରା ଜାରି ରହିଲେ ମାସ ଶେଷସୁଦ୍ଧା ମୃତ୍ୟୁ ସଂଖ୍ୟା ୬୦ ଟପିଯାଇଥିବ। ଏ ପରିସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଥିବାବେଳେ ଶେଷ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ଆଉ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ୫୮ ବର୍ଷୀୟ ପୁରୁଷ ଓ କୋଭିଡ୍ ବ୍ୟତୀତ ସେ ମଧୁମେହରେ ପୀଡିତ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇଲେ ଭୁବନେଶ୍ୱରରେ ମୋଟ କରୋନାଜନିତ ମୃତ୍ୟୁସଂଖ୍ୟା ୧୨୩କୁ ବୃଦ୍ଧିପାଇଛି।

ଏହାବ୍ୟତୀତ କରୋନା ପାଇଁ ଚିକିତ୍ସା ଅବହେଳା ଯୋଗୁ କାହିଁ କେତେ ଜୀବନ ଯାଇଛି ତାହାର କିଛି ବି ହିସାବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିକଟରେ ନାହିଁ। କିଏ ଡାକ୍ତରଖାନାରେ ତ ଆଉ କିଏ ଘରେ ଛଟପଟ ହୋଇ ପ୍ରାଣ ହରାଉଥିବା ଭଳି ଖବର ହସ୍ତଗତ ହୋଇଛି।

ଅନ୍ୟପକ୍ଷରେ ଲଗାତାର ୪ଦିନ ହେବ ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୩ଶହ ତଳେ ରହିଥିବାବେଳେ ଶେଷ ଦିନକରେ ଆଉ ୨୬୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୭୧ଜଣ ସଙ୍ଗରୋଧ ଓ ୧୯୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ନୟାପଲ୍ଲୀରୁ ୧୯ଜଣ, ବରମୁଣ୍ଡା ଓ ୟୁନିଟ-୯ରୁ ୧୦ ଜଣ ଲେଖାଏ, ପୁରୁଣା ଭୁବନେଶ୍ୱର ଓ ଆଇଆର୍‌ସି ଭିଲେଜରୁ ୮ ଜଣ ଲେଖାଏ, ପଟିଆ ଓ ରସୁଲଗଡ଼ରୁ ୭ଜଣ ଲେଖାଏ, ୟୁନିଟ-୬ ଓ ୟୁନିଟ-୮ରୁ ୬ଜଣ ଲେଖାଏ, ଶହୀଦନଗରରୁ ୫ଜଣ, ବିଜେବିନଗର ଓ ପୁରୁଣା ଭୁବନେଶ୍ୱରରୁ ୪ ଜଣ ଲେଖାଏ, ପଳାଶୁଣୀ, ଶ୍ୟାମପୁର, ବରମୁଣ୍ଡା ଓ ଚନ୍ଦ୍ରଶେଖରପୁରରୁ ୩ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଏକାଧିକ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମୋଟ ସଂକ୍ରମଣ ୨୬,୨୮୩ ଛୁଇଁଛି। ଅନ୍ୟପକ୍ଷରେ ଏବେ ରାଜଧାନୀରେ ଦୈନିକ ଆକ୍ରାନ୍ତଙ୍କଠାରୁ ସୁସ୍ଥ ସଂଖ୍ୟା ଅଧିକ ରହୁଛି। ଦିନକରେ ଆଉ ୩୪୨ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨୨,୮୬୭ରେ ପହଞ୍ଚିଛି। ବର୍ତ୍ତମାନ ୩୨୭୨ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ହେଲେ ରାଜ୍ୟଠାରୁ ରାଜଧାନୀରେ ସୁସ୍ଥ ହାର କମ୍ ରହୁଛି। ରାଜ୍ୟରେ ସୁସ୍ଥ ହାର ୯୦% ଥିବାବେଳେ ରାଜଧାନୀରେ ୮୫ରୁ ୮୬% ମଧ୍ୟରେ ରହିଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।

## ୨ ମାସ ପରେ ୫୦ ତଳେ ସଂକ୍ରମିତ ସଂଖ୍ୟା

**ପୁରୀ ଅଫିସ,୧୪।୧୦:** ପ୍ରାୟ ୨ମାସ ପରେ ପୁରୀ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୦ ତଳେ ରହିଛି। ଗତ ଜୁଲାଇ ୨୫ରେ ପ୍ରଥମେ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ଅର୍ଥାତ୍ ୯୦ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରଠୁ ପ୍ରତିଦିନ ସଂଖ୍ୟା ବଢ଼ିବାକୁ ଲାଗିଥିଲା। ତେବେ ଦୁଇମାସ ପରେ ବୁଧବାର ଜିଲାରୁ ୪୯ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣଙ୍କ ମୃତ୍ୟୁ ଘଟିଛି। କରୋନାରେ ଜଣେ ୬୦ ବର୍ଷୀୟ ପୁରୁଷଙ୍କ ଜୀବନ ଯାଇଛି। ଏ ପର୍ଯ୍ୟନ୍ତ ଜିଲାରେ ମୋଟ ୭୨ଜଣଙ୍କ ଜୀବନ ଗଲାଣି। ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧,୫୦୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୦,୬୭୩ ଜଣ ସୁସ୍ଥ ହୋଇଥିବା ବେଳେ ୭୫୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୧,୦୮,୩୧୦ କୋଭିଡ୍ ଟେଷ୍ଟ କରାଯାଇଛି। ସୁସ୍ଥ ହାର ୯୨.୭୭ ପ୍ରତିଶତ। ବୁଧବାର ଚିହ୍ନଟଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୧୬ ଓ ବିଭିନ୍ନ ବ୍ଲକରୁ ୩୩ ଜଣ ରହିଛନ୍ତି। ଜିଲାର ସମସ୍ତ ବ୍ଲକରେ ସକ୍ରିୟ ସଂକ୍ରମିତ ଥିବାବେଳେ ୩ଟି ଯାକ ଏନ୍‌ଏସି (ପିପିଲି, ନିମାପଡ଼ା ଓ କୋଣାର୍କ)ରେ କୌଣସି ସକ୍ରିୟ ସଂକ୍ରମିତ ନାହାନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଦାଦାବଟି ମାଗିବା ଅଭିଯୋଗରେ ୪ ଗିରଫ

**ପୁରୀ ଅଫିସ,୧୪।୧୦**

ଦାଦାବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର କୈଳାସ ଦାସ, ଅନଙ୍ଗ ମଞ୍ଜରୀ ଦାସ, ରଜନୀକାନ୍ତ ଦାସ ଓ ଅର୍ଜୁନ ଦାସ। ଏ ନେଇ ପୋଲିସ ନଂ.୧୨୭/୨୦ରେ ମାମଲା ରୁଜୁ କରିଛି। ବଳିଆପଣ୍ଡା ଆଇଆଇସିଙ୍କ ସୂଚନା ଅନୁଯାୟୀ, ଏକ ନିର୍ମାଣ କାମକୁ ନେଇ ପ୍ରିୟଦର୍ଶିନୀ ମହାନ୍ତିଙ୍କୁ ଦାଦାବଟି ମାଗୁଥିବା ନେଇ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ସେ ଦାଦାବଟି ଦେବାକୁ ରାଜି ନ ହେବାରୁ କାମ ବନ୍ଦ କରିବାକୁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ଏପରି କି ଏହି କଥା ଅନ୍ୟ କାହାକୁ କହିଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିବା ପ୍ରିୟଦର୍ଶିନୀ ଅଭିଯୋଗପତ୍ରରେ ଦର୍ଶାଇଥିଲେ । ପୋଲିସ ଅଭିଯୋଗକ୍ରମେ ତଦନ୍ତ ଚଳାଇ ୪ଜଣ ଅଭିଯୁକ୍ତଙ୍କୁ ଧରିଥିଲେ।




କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପି ଦାବିରେ ଅଲ ଇଣ୍ଡିଆ କିଷାନ ସଂଘର୍ଷ କୋଅର୍ଡିନେଶନ କମିଟି ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

## କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପି ଦାବିରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ/କଟକ ଅଫିସ/ ନିମାପଡ଼ା (ଡି.ଏନ୍.ଏ.),୧୪।୧୦**

କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦାବିରେ ଭାରତ କୃଷକ ମହାସଂଘ ଖୋର୍ଦ୍ଧା ଜିଲା କମିଟି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ଦେଇଛି। ଖାଉଟି ଓ କୃଷକ ବିରୋଧୀ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ଓ କୃଷିଜାତ ଦ୍ରବ୍ୟର ବ୍ୟାବସାୟୀକରଣ ରଦ୍ଦ କରାଯାଉ। ଜାତୀୟ କୃଷକ କମିଶନ ୨୦୦୬ ସୁପାରିସ ଅନୁଯାୟୀ ଫସଲ ମୂଲ୍ୟ ସର୍ବନିମ୍ନ ଧାର୍ଯ୍ୟ କରାଯାଉ। ଓଡ଼ିଶାରେ ଧାନର କୁଇଣ୍ଟାଲ ପ୍ରତି ଏମ୍‌ଏସ୍‌ପି ଦିଆଯାଉ। ଏଭଳି ବିଭିନ୍ନ ଦାବି ନେଇ ବିକ୍ଷୋଭ କରାଯାଇଛି। କମିଟି ଆବାହକ ସିପିଆଇଏମ ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜଙ୍କ ନେତୃତ୍ୱରେ ସିଟୁ ସମ୍ପାଦକ ଶୈଳଶ ବଳିଆସିଂ, ସିଟୁ ଜିଲା ସଭାପତି ଗିରିଶ ମହାରଣା, ବିଦ୍ୟୁଭୂଷଣ ମହାରଣା, କିଶୋର ଚନ୍ଦ୍ର ପରମଗୁରୁ, ରବି ବେହେରା, ହୃଷୀକେଶ ପଲେଇ, ବ୍ରଜ ଘଡ଼େଇ, ବ୍ରହ୍ମାନନ୍ଦ ମଲ୍ଲିକ, ପ୍ରଫୁଲ୍ଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଅଲ୍‌ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ପ୍ରତିରୋଧ ଦିବସ ପାଳନ କରାଯାଇଛି। ଏ ନେଇ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ସଙ୍ଗଠନର କଟକ ଜିଲା ଆବାହକ ବସନ୍ତ ନାୟକ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ଅଶୋକ ବେହେରା, ଶୋଭା ଦେହୁରୀ ପ୍ରମୁଖ ସାମିଲ ଥିଲେ। ଅଖିଳ ଭାରତ କୃଷକ ସଂଘ(ଏଆଇକେଏସ୍) ସମନ୍ୱୟ ସମିତି ନିମାପଡ଼ା ଆଞ୍ଚଳିକ ଶାଖା ପକ୍ଷରୁ ୧୫ଦଫା ଦାବି ନେଇ ସ୍ଥାନୀୟ ତହସିଲ ଅଫିସ ଆଗରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ରନାଥ ସାହୁ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ବେହେରା, ମହେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଥିଲେ। ପରେ ୧୫ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପ୍ରଦାନ କରିଥିଲେ।

## ଟଙ୍କା, ଲାପ୍‌ଟପ୍ ଲୁଟ୍ ଘଟଣା: ୩ ଗିରଫ

**କୋଣାର୍କ,୧୪।୧୦(ଡି.ଏନ୍.ଏ.):**

ପୁରୀ-କୋଣାର୍କ ବେଳାମାର୍ଗରେ ପର୍ଯ୍ୟଟକଙ୍କ କାର୍‌ରୁ ଟଙ୍କା, ଲ୍ୟାପଟପ ଆଦି ଲୁଟି ନେଇ ଫେରାର ହୋଇଯାଇଥିବା ୩ଜଣ ଦୁର୍ବୃତ୍ତଙ୍କୁ କୋଣାର୍କ ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଜୁଣେଇ ଗ୍ରାମର ଅଜୟ ପାତ୍ର, ମାଧିପୁରର ଶୁଭେନ୍ଦୁ ମହାନ୍ତି ଓ କଟକ ବକ୍ସି ବଜାରର ଚନ୍ଦନ ନାୟକ। ଚୋରି ମୋବାଇଲ ଫୋନ ଟ୍ରାକି କରି ପୋଲିସ ଏହି ୩ଜଣଙ୍କୁ ଧରିଛି। ପୋଲିସ ସେମାନଙ୍କଠାରୁ ୧୪ହଜାର ୫ଶହ ଟଙ୍କା, ଗୋଟିଏ ଲାପ୍‌ଟପ୍, ଗୋଟିଏ ଫୋନ, ୫ ମୋବାଇଲ ସମେତ ବିଭିନ୍ନ ସାମଗ୍ରୀ ଜବତ କରିଛି। ସୂଚନା ଥାଉକି ଗତ ରବିବାର ଭୁବନେଶ୍ୱର କଳିଙ୍ଗ ନଗରର ପ୍ରଶାନ୍ତ ବୁଦୀ ସାଙ୍ଗମାନଙ୍କ ସହ ଏକ କାର୍‌ରେ କୋଣାର୍କ ବୁଲିବାକୁ ଆସିଥିଲେ। ଅପରାହ୍ନ ୫ଟାରେ ଚନ୍ଦ୍ରଭାଗା ବଜାରରୁ କିଛି ଦୂରରେ କାର୍‌କୁ ରଖି ସମୁଦ୍ର ବେଳାଭୂମିକୁ ଯାଇଥିଲେ। ସୁଯୋଗ ଦେଖି ଏହି ୩ଜଣ କାର ପଛ ପାଖ କାଚ ଭାଙ୍ଗି ଭିତରେ ଥିବା ୨୦ ହଜାର ଟଙ୍କା ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଯାଇଥିଲେ। ଏ ନେଇ ପ୍ରଶାନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୮/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ବୁଧବାର ୩ଜଣଙ୍କ ଧରିଥିବା ଆଇଆଇସି ରଞ୍ଜନ କୁମାର ମଲ୍ଲିକ କହିଛନ୍ତି ।

## ସାଇକେଲ ଟ୍ରାକ୍‌କୁ ମୁକ୍ତ ରଖିବ ବିଏମ୍‌ସି

**ଭୁବନେଶ୍ୱର, ୧୪।୧୦ (ବ୍ୟୁରୋ)**

ଭୁବନେଶ୍ୱରରେ ସାଇକେଲ ଆରୋହୀଙ୍କୁ ସମ୍ମାନ ଦେବା ଓ ସାଇକେଲ ଚଳାଚଳକୁ ସହଜ ତଥା ସୁରକ୍ଷିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଲୋକଙ୍କ ସହଯୋଗରେ ସାଇକେଲ ଚାଳନାକୁ ଆରାମଦାୟକ କରିବାସହ ଭୁବନେଶ୍ୱରର ପରିବେଶ ପ୍ରଦୂଷଣକୁ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରତି ଶୁକ୍ରବାର ସହରବାସୀ ସାଇକେଲରେ ଯିବାଆସିବା କରିବାକୁ ଆହ୍ୱାନ ଦିଆଯାଇଥିବାବେଳେ ଏଥିପାଇଁ ଉକ୍ତଦିନ ସାଇକେଲ ଟ୍ରାକ୍ ଓ ମୋ ସାଇକେଲ୍ ରଖାଯାଇଥିବା ଷ୍ଟାଣ୍ଡକୁ ଜବରଦଖଲମୁକ୍ତ ବା ଅନଧିକୃତ ଦଖଲରୁ ମୁକ୍ତ କରାଯିବ। ଏବେ ସାଇକେଲ ଟ୍ରାକ୍ ଉପରେ ବିଭିନ୍ନ ସ୍ଥାନରେ ବେପାର ଚାଲୁଥିବାବେଳେ ବାଇକ୍ ଚଳାଚଳ କରୁଥିବାରୁ ଏପରି ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ବିଏମ୍‌ସି ଅତିରିକ୍ତ କମିଶନର ଅବାନିକାନ୍ତ ପଟ୍ଟନାୟକ କହିଛନ୍ତି, ସାଇକେଲ ଟ୍ରାକ୍ ଓ ସର୍ବସାଧାରଣ ସାଇକେଲ ବଣ୍ଟନ ଷ୍ଟେଶନରୁ ଅନଧିକୃତ କାଉଣ୍ଟର ହଟାଇବା ପାଇଁ ଜୋନ୍ ସ୍ତରୀରେ ଯୋଜନା ପ୍ରସ୍ତୁତ ହେବ। ଏନେଇ ପ୍ରତି ଜୋନ୍‌ର ଜେଡିସିମାନଙ୍କୁ ସୂଚନା ଦିଆଯାଇଛି। ପ୍ରାରମ୍ଭରେ ତିନୋଟି କ୍ଷେତ୍ର ଯଥା ରାଜମହଲ, ଆଇଜି ପାର୍କ ଏବଂ କିଟ୍ ଛକରେ ଏନ୍‌ଫୋର୍ସମେଣ୍ଟ କରାଯିବ। ଅନଧିକୃତ ବିକ୍ରେତା ଓ ହକରମାନେ ଏହି ଜାଗା ଦଖଲ କରିଥିଲେ ସେମାନଙ୍କୁ ସେଠାରୁ ହଟାଯିବ ବୋଲି ସେ କହିଛନ୍ତି। ଏପରି ନିଷ୍ପତ୍ତିକୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସ୍ୱାଗତ ଜଣାଇଥିବାବେଳେ ସାଇକେଲ୍ ଆରୋହୀ କିପରି ସୁଗମ ଉପାୟରେ ସହରରେ ସାଇକେଲ୍ ଚାଳନା କରିବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ସେ ସାଧାରଣରେ ଅପିଲ୍ କରି ସହଯୋଗ କାମନା କରିଛନ୍ତି।

## ଶ୍ରୀୟା ଛକ ଫଳ ଭେଣ୍ଡିଂ ଜୋନ୍ ଭଙ୍ଗାଗଲା

**ଭୁବନେଶ୍ୱର, ୧୪।୧୦ (ବ୍ୟୁରୋ)**

### ସ୍ମାର୍ଟ କିଓସ୍କ ପାଇବା ସତ୍ତ୍ୱେ ପୁରୁଣାସ୍ଥାନକୁ ଛାଡ଼ି ନ ଥିଲେ

ସ୍ମାର୍ଟ ଜନପଥ ପ୍ରକଳ୍ପରେ ରାସ୍ତା ସମ୍ପ୍ରସାରଣ ପାଇଁ ଶ୍ରୀୟା ଛକର ବାମ ପାର୍ଶ୍ୱରେ ଥିବା ଫଳ ଭେଣ୍ଡିଂ ଜୋନ୍‌କୁ ବୁଧବାର ଭଙ୍ଗାଯାଇଛି। ୩୨ ଫଳ ଦୋକାନ ମଧ୍ୟରୁ ୩୧ଟିକୁ ଭାଙ୍ଗି ଦିଆଯିବା ସହ ମିଳିଥିବା ସ୍ମାର୍ଟ କିଓସ୍କକୁ ସ୍ଥାନାନ୍ତର ହେବାକୁ ପରାମର୍ଶ ଦିଆଯାଇଛି। ଅନ୍ୟଜଣେ ଦୋକାନୀ କୋର୍ଟରୁ ରହିତାଦେଶ ଆଣିଥିବାରୁ ତାଙ୍କ ଦୋକାନ ଭଙ୍ଗାଯାଇପାରିନି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଓ କମିଶନରେଟ୍ ପୋଲିସର ମିଳିତ ଉଚ୍ଛେଦଦଳ ଦ୍ୱାରା ଏହି ଉଚ୍ଛେଦ କରାଯାଇଛି। ରାସ୍ତା ସମ୍ପ୍ରସାରଣ ପାଇଁ ଉକ୍ତ ଭେଣ୍ଡିଂ ଜୋନ୍ ଭାଙ୍ଗିବାକୁ ବିଏସ୍‌ସିଏଲ୍ ପକ୍ଷରୁ ବିଏମ୍‌ସିକୁ ଚିଠି ଲେଖାଯାଇଥିଲା। ଏହାପରେ ସମ୍ପୃକ୍ତ ଫଳ ଓ ଅନ୍ୟ ଦୋକାନୀଙ୍କୁ ବିଏମ୍‌ସି ଦ୍ୱାରା ଜନପଥ କଡ଼ରେ ସ୍ମାର୍ଟ କିଓସ୍କ ପ୍ରଦାନ କରାଯାଇଥିଲା। ହେଲେ ସେମାନେ ପୁରୁଣା ସ୍ଥାନ ଛାଡ଼ି ଯାଇ ନ ଥିବାରୁ ଏହି ଉଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ ଖାରବେଳ ନଗର ଜମି ଖାତା ନଂ.୪୪୧ ଅଞ୍ଚଳରେ ଜବରଦଖଲରେ ଥିବା ସରକାରୀ ଜମିରୁ ମଧ୍ୟ ଗୋଟିଏ ଦିନରେ ଉଚ୍ଛେଦ କରାଯାଇଛି। ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ. (ଓପିଟିସିଏଲ)ର ଉନ୍ନୟନ ପ୍ରକଳ୍ପ ପାଇଁ ଉକ୍ତ ପ୍ଲଟ୍‌ରେ ରହିଥିବା ୩ଟି ଘରକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦରେ ବିଏମ୍‌ସି ଅତିରିକ୍ତ କମିଶନର (୨) ଅବନୀକାନ୍ତ ପଟ୍ଟନାୟକ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ସମେତ ଖାରବେଳ ନଗର ଥାନା ଓ ଏପିଆର ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ଏସ୍‌ସିବି କ୍ୟାମ୍ପସ୍ ଉନ୍ନତୀକରଣ ନେଇ ସମୀକ୍ଷା

**କଟକ ଅଫିସ,୧୪।୧୦**

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ମେଡିକାଲରେ ପରିଣତ କରାଯିବା ପାଇଁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସରିଛି। ପରବର୍ତ୍ତୀ କାର୍ଯ୍ୟ ମଧ୍ୟ ଜାରି ରହିଛି। ଏ ନେଇ ବୁଧବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଡିସି ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ମେଡିକାଲର ପୁନଃ ଉନ୍ନତୀକରଣ ଓ ସମ୍ପ୍ରସାରଣ ଏବଂ କ୍ୟାମ୍ପସ ପରିସରରେ ମାଷ୍ଟରପ୍ଲାନ ଅନୁଯାୟୀ କାର୍ଯ୍ୟ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା।

ଏଇସିଓଏମ୍ କମ୍ପାନୀ ଦ୍ୱାରା ମେଡିକାଲ କ୍ୟାମ୍ପସ ପରିସରରେ ପ୍ରସ୍ତାବିତ ଉନ୍ନତୀକରଣ କାର୍ଯ୍ୟ କରାଯିବ। ଏ ସଂକ୍ରାନ୍ତ ପାୱାର ପଏଣ୍ଟ ଉପସ୍ଥାପନ କରାଯାଇଥିଲା। ପ୍ରସ୍ତାବ ଅନୁଯାୟୀ ରାସ୍ତା ସଂଯୋଗୀକରଣ, ମେଡିକାଲ କ୍ୟାମ୍ପସର ମଙ୍ଗଳାବାଗ ମୁଖ୍ୟ ରାସ୍ତା ପଟୁ ରାଣୀହାଟ ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ, ବିଭିନ୍ନ ଚିକିତ୍ସା ବିଭାଗ ବ୍ଲକ ପର୍ଯ୍ୟନ୍ତ ଭିତର ରାସ୍ତା ସଂଯୋଗୀକରଣ, ନୂତନ ଚିକିତ୍ସା ଗୃହ ନିର୍ମାଣ ଏବଂ ୩୦୦୦ ଶଯ୍ୟା ବ୍ୟବସ୍ଥା ଆଦି ସମ୍ପର୍କରେ ସୂଚନା ଦିଆଯାଇଥିଲା। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଆର୍‌ଡିସିଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ, ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ଡା. ଦଣ୍ଡେଶ୍ୱର ହୋତା, ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ଡା. ସି.ବି.କେ. ମହାନ୍ତି, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ଡା. ଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ୫ ପ୍ରସ୍ତାବ

**ପୁରୀ ଅଫିସ,୧୪।୧୦**

ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ବିକାଶ ପାଇଁ ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୫ଟି ପ୍ରସ୍ତାବ ଦିଆଯାଇଛି । ବୁଧବାର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯାଇଥିବା ଏହି ପ୍ରସ୍ତାବ ମଧ୍ୟରେ କାକୁଡ଼ିଖାଇ ଠାକୁରାଣୀଙ୍କ ପାର୍ଶ୍ୱ ଏମାର ମଠ ପଡ଼ିଆରେ ତ୍ରିତଳ ପ୍ରାସାଦ ନିର୍ମାଣ କରାଯାଉ। ପ୍ରଥମ ମହଲାରେ ଶ୍ରୀଜଗନ୍ନାଥ ଭଜନ ମଣ୍ଡପ, ଦ୍ୱିତୀୟରେ ସାହିତ୍ୟ ସଂସ୍କୃତି ସଂକ୍ରାନ୍ତ ସଂଗ୍ରହାଳୟ ଏବଂ ତୃତୀୟରେ ରଘୁନନ୍ଦନ ପାଠାଗାର ରହିବ। ଦ୍ୱିତୀୟ ପ୍ରସ୍ତାବରେ ଓଡ଼ିଶା ସଙ୍ଗୀତ ପରିଷଦ ଜମିରେ ସରକାର ଶ୍ରୀଜଗନ୍ନାଥ ସଙ୍ଗୀତ-ନୃତ୍ୟ କଲେଜ ସ୍ଥାପନ କରନ୍ତୁ ଓ ଏହାର ଖର୍ଚ୍ଚ ଶ୍ରୀମନ୍ଦିର ହୁଣ୍ଡି ଅର୍ଥ ବହନ କରୁ। ତୃତୀୟରେ ପୁରୁଣା ଜେଲ୍ ପଡ଼ିଆକୁ ପ୍ରଦର୍ଶନୀ ପଡ଼ିଆ ଭାବେ ଘୋଷଣ କରାଯାଉ। ଚତୁର୍ଥରେ ଶରଧାବାଲିର ସଂରକ୍ଷଣ କରାଯାଉ। ଶେଷ ପ୍ରସ୍ତାବ ଭାବେ ଶରଧାବାଲିଠାରେ ମୁକ୍ତାକାଶ ରଙ୍ଗମଞ୍ଚ ଓ ଗୁଣ୍ଡିଚା ପାଠାଗାର ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମୁକ୍ତାକାଶ ରଙ୍ଗମଞ୍ଚ ସ୍ୱାତନ୍ତ୍ର୍ୟ ପାଇଁ ସଂଲଗ୍ନ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଉ ଓ ସେହି କୋଠାରେ ପାଠାଗାର ପରିଚାଳିତ ହେଉ।

### ଚିଠି ଲେଖିଲେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା

ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ସମ୍ପାଦକ ଚକ୍ରଧର ମହାପାତ୍ର, ଓଡ଼ିଶା ଯୁବ ଚେତନା ସଙ୍ଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ର, ଲୋକ ମେଳା ସମ୍ପାଦକ ରାଜେଶ ମହାନ୍ତି ପ୍ରମୁଖ ଏହି ଚିଠି ଲେଖିଛନ୍ତି।

## ଅଧାପନ୍ତରିଆ ରହିଛି ପାନୀୟ ଜଳ ପ୍ରକଳ୍ପ

**ନରାଜ,୧୪।୧୦ (ଡି.ଏନ୍.ଏ)**



ବଛିପୁରସ୍ଥିତ ପାନୀୟ ଜଳ ପ୍ରକଳ୍ପରେ ପାଇପ୍ ସଂଯୋଗ ନ ହୋଇ ଅଧାରେ ଅଟକି ରହିଛି।

- ପାନୀୟ ଜଳ ପାଇଁ ପଡ଼ୋଶୀ ଗ୍ରାମ ଉପରେ ନିର୍ଭରଶୀଳ
- ବଛିପୁରରେ ନାହିଁ କୌଣସି ପାନୀୟ ଜଳ ପ୍ରକଳ୍ପ
- ଅର୍ଥ ଅଭାବରୁ ଅଟକି ରହିଛି ପ୍ରକଳ୍ପ କାର୍ଯ୍ୟ

ବାରଙ୍ଗ ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଅଧୀନ ରାଜସ୍ୱଗ୍ରାମ ବଛିପୁରରେ ଦୀର୍ଘଦିନ ହେବ ପାନୀୟ ଜଳ ପ୍ରକଳ୍ପ ଅଧାପାନ୍ତରିଆ ହୋଇରହିଛି। ଏହାଛଡ଼ା ଗ୍ରାମରେ ଅନ୍ୟ କୌଣସି ପାନୀୟ ଜଳ ପ୍ରକଳ୍ପ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବସବାସ କରୁଥିବା ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ଅନ୍ୟ ଗ୍ରାମ ଉପରେ ନିର୍ଭର କରୁଛନ୍ତି। ଗ୍ରାମବାସୀ ପଡ଼ୋଶୀ ଗ୍ରାମ ଫୁଲପୋଖରୀସ୍ଥିତ ପାନୀୟ ଜଳଯୋଗାଣ ପ୍ରକଳ୍ପରୁ ପିଇବା ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ସେଠାରୁ ଆସିଥିବା ପାଇପ ବହୁ ଜାଗାରେ ଫାଟି ଯାଇଥିବାରୁ ଗ୍ରାମବାସୀଙ୍କୁ ପାଣି ନେବା ସମୟରେ ସମସ୍ୟା ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୧୭ରେ ବାଙ୍କୀ ବିଧାୟକ ଏଠାରେ ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ମାତ୍ର ଏଥିପ୍ରତି ସରପଞ୍ଚ ଅବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁନି ବୋଲି ଗ୍ରାମର ମୁରବି ଭଜମନ ବେହେରା କୁହନ୍ତି।

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ କୁହନ୍ତି, ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ମାତ୍ର ପାଇପ ସଂଯୋଗ ସହ ଅନ୍ୟାନ୍ୟ କାର୍ଯ୍ୟପାଇଁ ୧୧ ଲକ୍ଷ ଟଙ୍କା ଆବଶ୍ୟକ ପଡୁଛି। କିନ୍ତୁ ପଞ୍ଚାୟତ ପକ୍ଷରୁ ଟଙ୍କା ମଞ୍ଜୁର ହୋଇ ନ ଥିବାରୁ କାର୍ଯ୍ୟ ଅଟକି ରହିଛି। ଏବିଷୟରେ ବାରଙ୍ଗ ବିଡିଓ ପ୍ରଭାକର ପଣ୍ଡାଙ୍କ କହିଛନ୍ତି, ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ମୁଁ ଅବଗତ ନ ଥିଲି। କିଛିଦିନ ପୂର୍ବରୁ ଏବିଷୟରେ ଜାଣିବା ପରେ ବିଭାଗୀୟ ଯନ୍ତ୍ରୀଙ୍କୁ ଡାକି ପ୍ରକଳ୍ପର ଅଟକଳର କାଗଜପତ୍ର ଆଣିଛି। ଏବେ ମୁଁ ହୋମ ଆଇସୋଲେସନରେ ରହିଛି। କାର୍ଯ୍ୟରେ ଯୋଗ ଦେବାପରେ ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର କରି ଏହାକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବ।

